ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

28th June, 2019

# ଆଇଆଇଟିରେ ଗଡ଼ିବ ବ୍ୟାଟେରି ଚାଳିତ ଗାଡ଼ି

ଭୁବନେଶ୍ୱର ୨୭।୬(ଭୁ.ପ୍ର): ଫଣି ପ୍ରଭାବରେ ଆଇଆଇଟି, ଭୁବନେଶ୍ୱର ସମେତ ସମଗ୍ର ଭୁବନେଶ୍ୱରରେ ସବୁଜ ବଳୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ଅଙ୍ଗାରକାମ୍ଳ ସୃଷ୍ଟିକାରୀ ଇନ୍ଧନ ଚାଳିତ ଗାଡ଼ି ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନର କାରଣ ସାଜୁଛି। ଏପରିସ୍ଥଳେ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ଆରମ୍ଭ ଉପରେ ଗୁରୁତ୍ୱ ଦେଇଛି ଆଇଆଇଟି, ଭୁବନେଶ୍ୱର। ଅନୁଷ୍ଠାନ ପକ୍ଷରୁ ଏବେ କ୍ୟାମ୍ପସ୍ ଭିତରେ ଯିବା ଆସିବା ପାଇଁ ପାରମ୍ପରିକ ଇନ୍ଧନ ଚାଳିତ ଗାଡ଼ି ବଦଳରେ ବ୍ୟାଟେରି ଚାଳିତ ଗାଡ଼ିର ଉପଯୋଗ ଆରମ୍ଭ ହୋଇଛି। ଏପରି ପଦକ୍ଷେପ ଦ୍ୱାରା ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ସହଜ ହେବ ବୋଲି କର୍ତ୍ତୃପକ୍ଷ ଆଶାବାଦୀ ଅଛନ୍ତି।

ଜଟଣୀ, ଅରୁଗୁଳ ସ୍ଥିତ ଆଇଆଇଟି, କ୍ୟାମ୍ପସ୍‌ର ଟାଙ୍ଗରା ଭୂଇଁରେ ସବୁଜ ବଳୟ ସୃଷ୍ଟି ପାଇଁ ବ୍ୟାପକ ଚାରା ରୋପଣ କରାଯାଇ ଥିଲା। ହେଲେ ଫଣି ବାତ୍ୟା ସବୁ ଉଜାଡ଼ି ଦେଲା। ସୁସ୍ଥ ପରିବେଶ ଗଠନ ପାଇଁ ଚାଲିଥିବା ଅଭିଯାନକୁ ଲାଗିଥିଲା ଶକ୍ତ ଧକ୍କା। ତେବେ ଏହି ଅଭିଯାନରେ ଏକ ସଫଳ ପଦକ୍ଷେପ ସ୍ୱରୂପ ଦେଶର ଏହି ଖ୍ୟାତନାମା ଶିକ୍ଷାନୁଷ୍ଠାନ ପକ୍ଷରୁ ବ୍ୟାଟେରି ଚାଳିତ ଯାନର ବ୍ୟବହାର ଆରମ୍ଭ ହୋଇଛି। ଆଇଆଇଟି, ନିର୍ଦ୍ଦେଶକ ପ୍ରଫେସର ଆର. ଭି ରାଜାକୁମାର ଆଜି ଏହି ନୂଆ ପରିବହନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦଫାରେ ଆଇଏସ୍ ପ୍ରମାଣପତ୍ର ଥିବା ତିନିଟି ବ୍ୟାଟେରି ଚାଳିତ ଗାଡ଼ିର ବ୍ୟବହାର ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି। ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଆଇଆଇଟି



କ୍ୟାମ୍ପସ୍ ପରିବ୍ୟାପ୍ତ ଥିବାବେଳେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଗାଡ଼ିର ବ୍ୟବହାର କରିବାର ଆବଶ୍ୟକତା ରହିଛି। ସେଠାରେ କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀ ହୁଅନ୍ତୁ ଅବା ହଷ୍ଟେଲ୍‌ରେ ରହୁଥିବା ଛାତ୍ରଛାତ୍ରୀ, କ୍ୟାମ୍ପସ୍ ଭିତରେ ପରିବହନ ପାଇଁ ଇନ୍ଧନ ଚାଳିତ ଛୋଟ ଏବଂ ବଡ଼ ଗାଡ଼ିର ବ୍ୟବହାର କରୁଥିଲେ। ବର୍ଷା ଦିନରେ ଗାଡ଼ିର ବ୍ୟବହାର ଅଧିକ ହୋଇଥାଏ। କିନ୍ତୁ ବାତ୍ୟାରେ ସବୁଜ ବଳୟ ବିପର୍ଯ୍ୟସ୍ତ ହେବା ପରିପ୍ରେକ୍ଷୀରେ ବ୍ୟାଟେରି ଚାଳିତ ଗାଡ଼ିର ବ୍ୟବହାର ପାଇଁ ଅନୁଷ୍ଠାନ ପଦକ୍ଷେପ ନେଇଥିଲା। ଏହି କାମ ପାଇଁ ବେଙ୍ଗାଲୁରୁସ୍ଥିତ ଏକ ଘରୋଇ ସଂସ୍ଥା ସହିତ ଆଇଆଇଟି ଚୁକ୍ତିବଦ୍ଧ ହୋଇଛି।

ସ୍ୱଳ୍ପ ଭଡ଼ା ଦେଇ ଆଇଆଇଟି କର୍ମଚାରୀ ଓ ତାଙ୍କ ପରିବାରବର୍ଗ ଏବେ ବ୍ୟାଟେରୀ ଚାଳିତ ଗାଡ଼ିରେ ଯିବା ଆସିବା କରିବାର ସୁଯୋଗ ପାଇବେ। ଏ ସଂକ୍ରାନ୍ତରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କୁମାର କହିଛନ୍ତି, ପରିବେଶ ସୁରକ୍ଷା ପାଇଁ ଆଇଆଇଟିରେ ବ୍ୟାପକ ବୃକ୍ଷ ରୋପଣ ସହ ପୁନଃଚକ୍ରଣ ବ୍ୟବସ୍ଥା, ଶୂନ୍ୟ ତରଳ ବର୍ଜ୍ୟବସ୍ତୁ, ବର୍ଷାଜଳ ସଂରକ୍ଷଣ ଭଳି ବ୍ୟବସ୍ଥା ଆରମ୍ଭ ହୋଇଛି।

ଏହି ସୂଚୀରେ ଏବେ ବ୍ୟାଟେରି ଚାଳିତ ପରିବହନ ବ୍ୟବସ୍ଥା ଯୋଡ଼ି ହୋଇଛି। ପରିବେଶ ସୁରକ୍ଷା ପାଇଁ ନବୀକରଣ ଶକ୍ତି ଓ ବିଦ୍ୟୁତ ଚାଳିତ ଗାଡ଼ିର ବ୍ୟବହାର ଉପରେ ଭାରତ ସରକାର ସର୍ବଦା ଗୁରୁତ୍ୱାରୋପ କରୁଥିବା ବେଳେ ଏ ଦିଗରେ ବ୍ୟାଟେରି ଚାଳିତ ଗାଡ଼ିର ବ୍ୟବହାର ଏକ ସଫଳ ପଦକ୍ଷେପ ବୋଲି ସେ କହିଛନ୍ତି। ଆଇଆଇଟି, ଭୁବନେଶ୍ୱରର ରେଜିଷ୍ଟ୍ରାର୍ ଡ଼ଃ ସୁବୋଧ କୁମାର, ପରିବହନ ବ୍ୟବସ୍ଥାର ପ୍ରଫେସର ଇନ୍‌ଚାର୍ଜ ଡ଼ ରାଜେଶ ରୋଶନ ଦାଶ ମଧ୍ୟ ନୂଆ ବ୍ୟବସ୍ଥାକୁ ବେଶ୍ ପ୍ରଶଂସା କରିବା ସହ ଆଗାମି ଦିନରେ ପରିବେଶ ଅନୁକୂଳ ଗାଡ଼ି ସଂଖ୍ୟା ବୃଦ୍ଧି କରାଯିବ ବୋଲି ମତ ଦେଇଛନ୍ତି।